

ରାଜନୀତିର ବାଦାନୁବାଦରେ ଓଡ଼ିଆ-ଅଣଓଡ଼ିଆ ଟିପ୍ପଣୀ

ଭୁବନେଶ୍ୱର (ପିଏନ୍): ସର୍ବଭାରତୀୟ ସେବାର ନିୟମ ଅନୁଯାୟୀ ତଥା ଆଇଏଏସ୍ ଶିକ୍ଷାନବିଶ ସମୟରେ, ସମ୍ପୃକ୍ତ ଅଧିକାରୀଙ୍କ ପସନ୍ଦ ଅନୁଯାୟୀ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଓ ସର୍ବଭାରତୀୟ ସେବାର ଅଧିକାରୀମାନଙ୍କୁ ବିଭିନ୍ନ ରାଜ୍ୟର କ୍ୟାଡ଼ର ପ୍ରଦାନ କରାଯାଇଥାଏ। ଜଣେ ଓଡ଼ିଆ ହୋଇଥିଲେ ବି ଅନ୍ୟ ରାଜ୍ୟର ପସନ୍ଦ ସେବା ସୂଚୀତ କରିଥିଲେ ଅନ୍ୟ ରାଜ୍ୟର କ୍ୟାଡ଼ର ପାଇ ନିଯୁକ୍ତି ସେବାରେ ନ୍ୟସ୍ତ ରୁହନ୍ତି। ସେହିପରି ଅନେକ ଅଣ-ଓଡ଼ିଆ ବ୍ୟକ୍ତି ଓଡ଼ିଶା କ୍ୟାଡ଼ର ପାଇ ଆମ ରାଜ୍ୟରେ ମଧ୍ୟ କାର୍ଯ୍ୟରତ। ତେବେ ନିକଟରେ ରାଜନୀତିକ ଟଣାଓଟରା ଭିତରେ ସର୍ବଭାରତୀୟ ପ୍ରଶାସନିକ ସେବାର ଅଧିକାରୀମାନଙ୍କୁ ଓଡ଼ିଆ ଓ ଅଣ-ଓଡ଼ିଆ ମନ୍ତବ୍ୟ ଶାସନ ଓ ପ୍ରଶାସନ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି କରିବା ସହ ଏହା ପ୍ରଶାସନିକ କ୍ଷେତ୍ରକୁ ଏକ ପ୍ରକାର ପରୋକ୍ଷ ଅପମାନ ବୋଲି ଅନେକ ଅଭିଜ୍ଞ ସର୍ବଭାରତୀୟ ସେବା ଅଧିକାରୀ ମତବ୍ୟକ୍ତ କରିଛନ୍ତି। ସର୍ବଭାରତୀୟ ସେବାର ଏହି ଦାୟିତ୍ୱସମ୍ପନ୍ନ ଅଧିକାରୀମାନଙ୍କୁ ରାଜ୍ୟ, ଭାଷା ବା ଜାତିଗତ ବିଚାରକୁ ନେଇ ବିଭେଦ କରାଯିବା ମଧ୍ୟ ଅନୁଚିତ। ନିକଟରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିଶ୍ଚିନ୍ତକୋଇଲି କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତଥା ଶକ୍ତିଶାଳୀ ତୃତୀୟ ମହଲା କଥା ଉଠାଯାଇ ଅଣ-ଓଡ଼ିଆ ଅଫିସରଙ୍କ ପ୍ରତି ମନ୍ତବ୍ୟ ଏବେ କେବଳ ରାଜ୍ୟରେ ନୁହେଁ ଜାତୀୟ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଓଡ଼ିଶାବାସୀ ବେଶ୍ ଭଲଭାବେ ଜାଣନ୍ତି ବାହାର ରାଜ୍ୟର ହୋଇ ମଧ୍ୟ ଓଡ଼ିଆ କ୍ୟାଡ଼ରର ଆଇଏଏସ୍ ଅଫିସରମାନେ ବେଶ ଭଲ କାମ କରୁଛନ୍ତି। ବହୁ ଓଡ଼ିଆ ଅଫିସର ଅନ୍ୟ ରାଜ୍ୟ ତଥା କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ସର୍ବୋଚ୍ଚ ପଦବୀରେ ରହି ଓଡ଼ିଶାର ସୁନାମ ବଢ଼ାଇବାରେ ସଫଳ ହେବା ସହ ସମ୍ପୃକ୍ତ ବିଭାଗ ବା ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି। ଗୁଜୁରାଟ କ୍ୟାଡ଼ରର ଓଡ଼ିଆ ଆଇଏଏସ୍ ଅଧିକାରୀ ନୃପେନ୍ଦ୍ର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ରହିବା ସହ ତାଙ୍କର ପିଏମ୍‌ଓରେ ଯଥେଷ୍ଟ ପ୍ରଭାବ ରହିଥିବା ନେଇ ଆଲୋଚନା ହୁଏ। ଓଡ଼ିଆ ଆଇପିଏସ୍ ଅଧିକାରୀ ବାହାର ରାଜ୍ୟରେ ନିଜ କ୍ୟାଡ଼ରରେ ରହି ପୋଲିସ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି। ଭାରତର ମହାରାଷ୍ଟ୍ର, କେରଳ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ, ଦିଲ୍ଲୀ ଓ ୟୁନିୟନ ଟେରିଟୋରି କ୍ୟାଡ଼ରରେ ଗୁରୁତ୍ୱପୂର୍ଣ୍ଣ ସେବା ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଠାରେ ସୂଚୀତ କରାଯାଇପାରେ ଯେ ସର୍ବଭାରତୀୟ ସେବା ନିୟମ ଅନୁଯାୟୀ କ୍ୟାଡ଼ର ଆବଣ୍ଟନ ପରେ ସମ୍ପୃକ୍ତ ଅଫିସରଙ୍କୁ ସେହି ରାଜ୍ୟ ସରକାର ଅଥବା କେନ୍ଦ୍ରୀୟ ଡେପୁଟେସନରେ ଥିବା ଅଫିସରଙ୍କୁ କେନ୍ଦ୍ର ସରକାର ନିଯୁକ୍ତି ଦେଇଥାନ୍ତି। ଅତୀତରେ ଅନେକ ଅଣ-ଓଡ଼ିଆ ଆଇଏଏସ୍ ଅଧିକାରୀ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପଦରେ ରହିଛନ୍ତି। ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ପରିଚିତ ଓଡ଼ିଆ ଆଇଏଏସ୍ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଓ ଉଷା ପାଢ଼ୀ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି। ଜଣେ ଓଡ଼ିଆ କେନ୍ଦ୍ର ହେଉ ବା ବାହାର ରାଜ୍ୟ ସେମାନେ ନିଜ କ୍ୟାଡ଼ରରେ ରହି ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନା ଭିତରେ ଓଡ଼ିଶା ସହ ପ୍ରଶାସନିକ ଓ ସାମାଜିକ ସମ୍ପର୍କ ବଢ଼ାଇବାରେ ବେଶ ସହାୟକ ହୋଇଥାନ୍ତି। ଜଣେ ଓଡ଼ିଆ ବାହାର ରାଜ୍ୟରେ ସର୍ବଭାରତୀୟ ସେବା ଅଧିକାରୀ ଥିବାବେଳେ ଓଡ଼ିଶାରୁ ଯାଇଥିବା ଯେ କୌଣସି ଜନସାଧାରଣ ମଧ୍ୟ ଅସୁବିଧା ସମୟରେ ସେମାନଙ୍କର ସାହାଯ୍ୟ ନେଇ କୃତଜ୍ଞତା ଜ୍ଞାପନ କରିବାର ଖବର ଅନେକ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଛି। କିନ୍ତୁ ବର୍ତ୍ତମାନର ରାଜନୈତିକ ବାଦାନୁବାଦ ଭିତରେ ଏହି ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ପ୍ରଶାସନିକ ଦକ୍ଷତା, ସରକାରଙ୍କ ପ୍ରତି ନିଷ୍ଠା, ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ ଓ କାର୍ଯ୍ୟଧାରା ଅତ୍ୟନ୍ତ ପ୍ରଶଂସନୀୟ। ଅନ୍ୟ ରାଜ୍ୟରେ ଥିବା ଓଡ଼ିଆ ସର୍ବଭାରତୀୟ ଅଧିକାରୀମାନେ ପ୍ରଶଂସାଭାଜନ ହୋଇ ରାଜ୍ୟର ଗୌରବ ମଧ୍ୟ ବଢ଼ାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କେ.ପାଣ୍ଡିଆନଙ୍କୁ ନେଇ ଗଣମାଧ୍ୟମ ଓ ରାଜନୈତିକ ମହଲରେ ଅନେକ ଚର୍ଚ୍ଚା ଓ ଆଲୋଚନା ହୁଏ। ପ୍ରାୟତଃ ଗଣମାଧ୍ୟମ ଠାରୁ ଦୂରେଇ ସର୍ବଦା ପ୍ରଶାସନିକ ସେବାରେ ବ୍ୟସ୍ତ ରହି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ତୃତୀୟ ମହଲାର ମର୍ଯ୍ୟାଦା ରକ୍ଷା କରିବାରେ ତାଙ୍କ ଭୂମିକା ମଧ୍ୟ ପ୍ରଶଂସନୀୟ। ଯେ କେହି ସର୍ବଭାରତୀୟ ସେବା ଅଧିକାରୀ ଯେ କୌଣସି ମୁଖ୍ୟମନ୍ତ୍ରୀଙ୍କ ସଚିବ କାର୍ଯ୍ୟ ସମ୍ପାଦନା ସମୟରେ ଯେହେତୁ ସେ ତାଙ୍କ ବ୍ୟକ୍ତିଗତ ସଚିବ ତେଣୁ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସମ୍ପର୍କ ଘନିଷ୍ଠ ହେବା ସ୍ୱାଭାବିକ ଏବଂ ଏହା ମଧ୍ୟ ନିତ୍ୟାନ୍ତ ଆବଶ୍ୟକୀୟ। ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସହାୟତା କରିବା ସହ ରାଜ୍ୟର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେବାରେ କୌଣସି ଅସ୍ୱାଭାବିକତା ନାହିଁ ବୋଲି ପ୍ରାକ୍ତନ ପ୍ରଶାସନିକ ଅଧିକାରୀମାନେ ମତ ଦିଅନ୍ତି। ପାଣ୍ଡିଆନଙ୍କ ପୂର୍ବରୁ ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ର ମଧ୍ୟ ନବୀନ ବାବୁଙ୍କୁ ରାଜନୈତିକ ପରାମର୍ଶ ଦେବା ସହ ପ୍ରଶାସନକୁ ନିଜ ହସ୍ତମୁଦି ମାହାଲ କରୁଥିବା ନେଇ ଶେଷ ପର୍ଯ୍ୟନ୍ତ ଚର୍ଚ୍ଚା ରହିଥିଲା। ବିଜେଡ଼ି ପରି ଏକ ପ୍ରଭାବଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳ ପରିଚାଳନାରେ ନବୀନବାବୁଙ୍କ ରାଜନୈତିକ ଗୋଟି ଚାଳନା ସର୍ବଭାରତୀୟ ବଡ଼ ବଡ଼ ନେତାଙ୍କ ରାଜନୈତିକ ବିଚାରଧାରାକୁ ମଧ୍ୟ ପ୍ରଭାବିତ କରିପାରିଛି। ଓଡ଼ିଶା ପରି ଭାଇଚାରା ଓ ଜାତି, ଧର୍ମ, ବର୍ଣ୍ଣ, ଭାଷାର ସଦ୍ଭାବନପୂର୍ଣ୍ଣ ପ୍ରଗତିଶୀଳ ରାଜ୍ୟରେ ଶାସନ ଓ ପ୍ରଶାସନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଅଗ୍ରଗତିରେ ସ୍ୱତନ୍ତ୍ରତା ରଖିଛନ୍ତି। ରାଜନୀତି ବିଚାର ଧାରାରେ ମନ୍ତବ୍ୟ, ପ୍ରତିବାଦ ତଥା ବାଦାନୁବାଦ ରହିବା ସ୍ୱାଭାବିକ। କିନ୍ତୁ ଏହି ବାଦାନୁବାଦ ଭିତରେ ରାଜ୍ୟର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ସର୍ବଭାରତୀୟ ସେବା ସ୍ତରର ଅଧିକାରୀମାନଙ୍କୁ ଏହା ଭିତରକୁ ଟାଣିବାକୁ ନେଇ ଯେଉଁ ପ୍ରୟାସ ଅନେକ ସମୟରେ ହୋଇଥାଏ ତାହା ରାଜ୍ୟର ସୁନାମକୁ ବଢ଼ାଇ ପାରିବ ନାହିଁ ବରଂ ଜଣେ ଓଡ଼ିଆ ଭାବରେ ଏହି ପ୍ରଶାସନିକ ଅଧିକାରୀମାନଙ୍କ ସେବା ଦାୟିତ୍ୱ ନିର୍ବାହ ବେଳେ ଆମ ସମସ୍ତଙ୍କର ସହଯୋଗ ଅତ୍ୟନ୍ତ ଜରୁରୀ।

(ସୌଜନ୍ୟ: ବାଦଲ ଭୂୟାଁ, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫)

ଯାଜପୁର ଜିଲ୍ଲାରେ ଛାତ୍ର କଂଗ୍ରେସର ନୂତନ ସଭ୍ୟ ସଂଗ୍ରହ ଅଭିଯାନ

ଭୁବନେଶ୍ୱର (ପିଏନ୍): ଯାଜପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଯାଜପୁର ଛାତ୍ର କଂଗ୍ରେସ କର୍ମୀମାନଙ୍କ ଉପସ୍ଥିତିରେ ଛାତ୍ର କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇ ଛାତ୍ର କଂଗ୍ରେସର ପ୍ରତ୍ୟେକ ମହାବିଦ୍ୟାଳୟ, ବ୍ଲକ୍, ଅଞ୍ଚଳ ଓ ପୌରାଞ୍ଚଳରେ ଛାତ୍ର କଂଗ୍ରେସକୁ ଅଧିକ କ୍ରିୟାଶୀଳ କରିବାପାଇଁ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ନିଖିଳ ଭାରତ ଛାତ୍ର କଂଗ୍ରେସ କମିଟି ଦ୍ୱାରା ବିଭିନ୍ନ ରାଜ୍ୟ ଓ ଜିଲ୍ଲାରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଯାଜପୁର ଜିଲ୍ଲାରେ ଅଖିଳ ଭାରତ ଛାତ୍ର କଂଗ୍ରେସ କମିଟିର ସମ୍ପାଦକ ଧର୍ମେନ୍ଦ୍ର ସିଂଙ୍କ ଉପସ୍ଥିତିରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବିଧାନସଭା ନେତା ସନ୍ତୋଷ କୁମାର ନନ୍ଦ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, କଂଗ୍ରେସ କର୍ମକର୍ତ୍ତା ସଂଗ୍ରାମ ଜେନା, ଦୁର୍ଯ୍ୟୋଧନ ବେହେରା, ମହିଳା କଂଗ୍ରେସ ନେତ୍ରୀ ଆରତୀ ସ୍ୱାଇଁ, ଆରତୀ ଦେଓ, ଦୀପ୍ତିରେଖା ମିଶ୍ର, ଜଗବନ୍ଧୁ ଜେନା, ଅରଜିତ ନାୟକ, ଅନିଲ ମହାନ୍ତିଙ୍କ ଉପସ୍ଥିତିରେ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହା ଏକମାସ ପର୍ଯ୍ୟନ୍ତ ଚାଲୁ ରହିବ। ଛାତ୍ର ନେତାଙ୍କ ମଧ୍ୟରେ ସୁରଜ ରାଉତରାୟ, ସୌମ୍ୟରଞ୍ଜନ ବେହୁରିଆ, ସୁମିତ କୁମାର ନାଥ, ଅମୀୟ ସ୍ୱାଇଁ, ବିଶ୍ୱଜିତ ବେହେରା, ଅବିଳାକ୍ଷ ଦାଶ, ରାଜେନ୍ଦ୍ର ନାୟକ, ଅମ୍ବୁଜ କୁମାର ରାଉତ, କ୍ଷୀତିଶ ଧଳ, ସୌମ୍ୟ ମହାପାତ୍ର, ସୁନିଲ ଉପାଧ୍ୟାୟ, ଶାନ୍ତନୁ ଦାସ, ମନୋରଞ୍ଜନ, ସୌମ୍ୟ ବାରିକ, ଆଶିଷ କୁମାର ରାଉତଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ରହି ଧର୍ମେନ୍ଦ୍ର ସିଂଙ୍କଠାରୁ ସମସ୍ତ ବିଷୟ ଅବଗତ ହୋଇ ଛାତ୍ର କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନକୁ ଆଗେଇ ନେବାକୁ ସଂକଳ୍ପ ନେଇଥିଲେ।

କର୍ପୋରେଟ୍ ପୁଞ୍ଜି ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବା ଯୋଗୁଁ ବିଶ୍ୱସନୀୟତାର ସଙ୍କଟ ଦେଖାଦେଇଛି

ପୁରୀ (ପିଏନ୍): ସମ୍ପ୍ରତି କର୍ପୋରେଟ୍ ପୁଞ୍ଜି ଖବରକାଗଜ ଜଗତକୁ ନିୟନ୍ତ୍ରଣ କରୁଥିବା ଯୋଗୁଁ ବଡ଼ ବଡ଼ ଖବରକାଗଜ ଗୁଡ଼ିକର ଚରିତ୍ର ଭୟଙ୍କର ଭାବେ ପରିବର୍ତ୍ତନ ହୋଇଛି ଏବଂ ସମ୍ବାଦପତ୍ରରେ ପ୍ରକାଶିତ ହେଉଥିବା ଖବର ସମ୍ପର୍କରେ ବିଶ୍ୱାସନୀୟତାର ସଙ୍କଟ ଦେଖା ଦେଇଛି। ଏହି କ୍ଷେତ୍ରରେ କେବଳ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ସାଧାରଣଙ୍କ ସମସ୍ୟାକୁ ଦୃଷ୍ଟି ଆକର୍ଷଣ କରିପାରୁଛନ୍ତି ବୋଲି ଅବସରପ୍ରାପ୍ତ ରାଷ୍ଟ୍ରଦୂତ ମଳୟ ମିଶ୍ର ପ୍ରକାଶ କରିବା ସହ କର୍ପୋରେଟ ହାଉସ ଗୁଡ଼ିକର ସାମାଜିକ ଦାୟିତ୍ୱ ତୁଲାଇବା ଦିଗରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡ଼ିକର ସୁରକ୍ଷା ଓ ବଞ୍ଚିବା ପାଇଁ ବିଜ୍ଞାପନ ପ୍ରଦାନ କରିବା କ୍ଷେତ୍ରରେ ଅଗ୍ରାଧିକାର ଦେବା ଉଚିତ ବୋଲି କହିଥିଲେ। ପୁରୀସ୍ଥିତ ଶ୍ରୀମନ୍ଦିର ଉତ୍ତର ଦ୍ୱାର ସାମ୍ନାରେ ଥିବା ଶ୍ରୀକୁଞ୍ଜ ଲଡ୍‌ଜଠାରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ତଥା କେନ୍ଦ୍ରୀୟ ଅଧିସ୍ୱୀକୃତି କମିଟିର ସଦସ୍ୟ ରବି ରଥଙ୍କ ଅଧ୍ୟକ୍ଷତାରେ ଗତ ଗୁରୁବାର ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରୀ କମିଟିର ପରିବର୍ଦ୍ଧିତ ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ଦେଶରୁ ବେକାରୀ, ଦାରିଦ୍ର୍ୟ ଏବଂ ଭ୍ରଷ୍ଟାଚାର ଲୋପ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ଅନିରୁଦ୍ଧ ରାମାନୁଜ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ସଂଗଠନର ଉପସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅରେନ କୁମାର ପାଣି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପାଇଁ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ, ଧାରାବାହିକ ଭାବେ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ଅନୁମୋଦନ କରିବା ଦିଗରେ କୋହଳ ନୀତି ଅବଲମ୍ବନ କରିବା, କେନ୍ଦ୍ର ସରକାରଙ୍କ ନୀତି ଅନୁଯାୟୀ ୨୦୦୦ ପ୍ରସାରଣ ଥିବା ସମ୍ବାଦପତ୍ରଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା, ମୋଟ ବିଜ୍ଞାପନ ରାଜସ୍ୱର ୬୦ ଭାଗ ଆଞ୍ଚଳିକ ଓ କ୍ଷୁଦ୍ର ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ଆକାରରେ ପ୍ରଦାନ କରିବା, ଭୁବନେଶ୍ୱରଠାରେ ସଂଘର ଏକ କାର୍ଯ୍ୟାଳୟ ପାଇଁ ସରକାରୀ ବାସଗୃହ ଯୋଗାଇଦେବା, ୬୦ ବର୍ଷରୁ ଊର୍ଦ୍ଧ୍ୱ ସମ୍ପାଦକମାନଙ୍କୁ ପେନସନ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ସର୍ବନିମ୍ନ ୧୦ ହଜାର ଟଙ୍କା ପେନସନ ଦେବା, ରାଜ୍ୟରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପାଇଁ ଏକମାତ୍ର ସଂଗଠନ (ଏଏସଏମଏନଆଇ) ଓଡ଼ିଶା ଶାଖାର ସଦସ୍ୟମାନଙ୍କୁ ସାମ୍ବାଦିକ ଅଧିସ୍ୱୀକୃତି କମିଟି, ସାମ୍ବାଦିକ କଲ୍ୟାଣ ପାଣ୍ଠି ଓ ଅନ୍ୟାନ୍ୟ ଉନ୍ନୟନ କମିଟି ଗୁଡ଼ିକରେ ସଦସ୍ୟ ଭାବେ ଗ୍ରହଣ କରାଯିବା ଭଳି ୮ଟି ପ୍ରସ୍ତାବ ଆଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ପଲାଇ, ନିତ୍ୟ ନିରଞ୍ଜନ ପଣ୍ଡା, ବିନୋଦ ମହାପାତ୍ର, ସୁକାନ୍ତ କୁମାର ପଣ୍ଡା, ସରୋଜ ରଞ୍ଜନ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ପ୍ରଦୀପ୍ତ କୁମାର ପରିଡ଼ା, ଶିଶିର କୁମାର ଶତପଥୀ, ନୃସିଂହ ପ୍ରସାଦ ପାଢ଼ୀ, ବ୍ରଜବନ୍ଧୁ ପରିଡ଼ା, ପ୍ରକାଶ ଚନ୍ଦ୍ର ଖଟୋଇ, ଉମ୍ବୁରୁଧର ଦାଶ, ନିର୍ମଳ ଚନ୍ଦ୍ର ସାମଲ, ସୁଶୀଳ ପଣ୍ଡା, ଦେବଜାନୀ ବକ୍ସିପାତ୍ର ଓ ରବିନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନକୁ ସୁଦୃଢ଼ କରିବା ପାଇଁ ନିତ୍ୟ ନିରଞ୍ଜନ ପଣ୍ଡାଙ୍କୁ ଉପସଭାପତି ଓ ନିର୍ମଳ ଚନ୍ଦ୍ର ସାମଲଙ୍କୁ ସଂଗଠନର ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ପ୍ରଥମେ ଗୌରୀ ଲଙ୍କେଶଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ବିଭିନ୍ନ ଅଞ୍ଚଳରୁ ଶତାଧିକ ସମ୍ପାଦକ ଏହି ବୈଠକରେ ଯୋଗ ଦେଇଥିଲେ। ଶେଷରେ ତ୍ରିପତି ବାଲାଜୀ ପାତ୍ର ଧନ୍ୟବାଦ ଦେଇଥିଲେ।

ଗଡ଼ ମାଣତୀରରେ ପାଇକ ଆଖଡ଼ା ସମାରୋହ

ପାଇକ ମହାସମାବେଶ - ୨୦୧୮

ଭୁବନେଶ୍ୱର (ପିଏନ୍): ଖୋର୍ଦ୍ଧା ରାଜାଙ୍କର ଏକଦା ଆପଦକାଳୀନ ଆଶ୍ରୟସ୍ଥଳୀ ଦୁର୍ଗଥିବା ଗଡ଼ ମାଣତୀର ଠାରେ ଆଂଚଳିକ କଳିଙ୍ଗ ପାଇକ ମହାସଂଘ ପକ୍ଷରୁ ପାଇକ ବିଦ୍ରୋହର ଦୁଇ ଶହ ବର୍ଷ ପୂର୍ତ୍ତି ଅବସରରେ ଏକ ବିଶାଳ ପାଇକ ମହା ସମାବେଶ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଳସିଂହର ଉଡ୍ର ପାଇକ ସଂଘ, ଗଡ଼ ମାଣତୀରର ମା' ଦୁଆରଶୁଣି ପାଇକ ଆଖଡ଼ା, ଆଡ଼ଖଣ୍ଡିଆର ମା' ଭୈରବୀ ପାଇକ ସଂଘ, କୁହୁଡ଼ିର ମା' ମଙ୍ଗଳା ପାଇକ ଆଖଡ଼ା ସଂଘ, ମଦନପୁରର ହରଚଣ୍ଡୀ ପାଇକ ଆଖଡ଼ା ଦଳ, ଟାଙ୍ଗୀର ମହାବୀର ପାଇକ ଆଖଡ଼ା ସଂଘ, ଗଡ଼ ପାତ୍ରପଡ଼ାର ବାବା ବାଲୁଙ୍କେଶ୍ୱର ପାଇକ ଆଖଡ଼ା ଦଳ, ଗଡ଼ କଡ଼ବର ସିଂହବାହିନୀ ପାଇକ ସଂଘ, ଦୋକନ୍ଦାର ବୀର ଶ୍ରୀଗଜପତି ପାଇକ ସଂଘ, କୋତଲାଙ୍ଗର ମା' ସିନ୍ଦୁରମୁଣ୍ଡୀ ପାଇକ ସଂଘ, ବଡ଼ପୁଟର ଗଡ଼ଦ୍ୱାର ପାଇକ ଆଖଡ଼ା ଦଳ ଯୋଗଦେଇ ଗଡ଼ମାଣତୀର ମା' ରାମଚଣ୍ଡୀ ପୀଠ ଓ ଗ୍ରାମ ପରିକ୍ରମା ପରେ ପାଇକ କ୍ରୀଡ଼ା ନୈପୁଣ୍ୟ ପ୍ରତିଯୋଗିତା ହୋଇଥିଲା। ପାଇକଦଳ ଶୂନ, ଲାଠି ଋଳନା, ପଟାଖେଳ, ଢାଲ ତରବାରୀ ମୁଦଗର୍ ଋଳନା, ଶଗଡ଼ ଚକ ଓ ଢ଼ିଙ୍କୀ ବୁଲାଇବା, ବାଙ୍କ ଛୁରୀ ଖେଳ, ବନାଟି ବୁଲେଇବା ସହ ସେମାନଙ୍କ ଠାଣି, ଋଲି, ବୁଲି କୁହାଟରେ ସ୍ଥାନ କମ୍ପି ଉଠିଥିଲା। କୁହୁଡ଼ିର ମା' ମଙ୍ଗଳା ପାଇକ ଆଖଡ଼ା ଦଳ ଶ୍ରେଷ୍ଠ ବିବେଚିତ ହେବାରୁ ଦଳପତି ଉମା ମହେଶ୍ୱର ପାତ୍ର ଅତିଥିଙ୍କଠାରୁ ସିଲ୍ଡ ଗ୍ରହଣ କରିଥିଲେ। ଦୁଇହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ପ୍ରତିଯୋଗିତା ଉପଭୋଗ କରିଥିଲେ। ପ୍ରତିଯୋଗିତା ପରେ ଅନୁଷ୍ଠିତ ସଭାରେ ସମାଜସେବୀ ଗୋଦାବରୀଶ ପାଇକରାୟ ଅଧ୍ୟକ୍ଷତା କରିଥିଲେ। ଓ.ଏନ୍.ଜି.ସି. ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାରେ ବିଜେପିର ରାଜ୍ୟ ସମ୍ପାଦକ ଡ. ଜତିନ୍ ମହାନ୍ତି ଯୋଗଦେଇ ପାଇକ ଆଖଡ଼ାରେ ବେଶଭୂଷାରେ ମୌଳିକତା ରକ୍ଷା କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ରାଜ୍ୟ ବିଜେପି ସମ୍ପାଦିକା ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର, ଜିଲା ବିଜେପି ସଭାପତି ସୁଭାଷ ଚନ୍ଦ୍ର ଜେନା, ପାଇକ ଗବେଷକ କେଦାରନାଥ ଦାସ, ଦଳବେହେରା ଭରତ ମାନ୍ଧାତା, ଅନୁଗୁଳ ବୁଢ଼ାପଙ୍କ ସୋମନାଥ ସିଂ ଜଗଦେବ ପାଇକ ମହାସଂଘର ସମ୍ପାଦକ ରଞ୍ଜନ କୁମାର ବିଶୋଇ, ଦଳବେହେରା ସିଦ୍ଧେଶ୍ୱର ରାୟବିଧାର ମହାପାତ୍ର, ଭାସ୍କର ସୁନ୍ଦରାୟ ପ୍ରମୁଖ ଯୋଗ ଦେଇ ପାଇକମାନଙ୍କ ଐତିହ୍ୟ ଓ ବୀରତ୍ୱ ଗାଥାର ଅବତାରଣା କରିବା ସହିତ ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଆଠ ବର୍ଷ ଧରି ହୋଇଥିବା ଗଣ ବିପ୍ଳବ କିପରି ଇଂରେଜ ଶାସନକୁ ଦୋହଲାଇ ଦେଇଥିଲା, ତା'ର ବର୍ଣ୍ଣନ କରିଥିଲେ। ଅଦ୍ୟବଧି ବରୁଣେଇ ପାହାଡ଼ ପାଦଦେଶରେ ନଭଶ୍ଚୁମ୍ବୀ ବକ୍ସୀ ସ୍ତମ୍ଭ ନିର୍ମାଣ ହୋଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ଯୋଗଦେଇଥିବା ପାଇକ ଆଖଡ଼ା ଦଳକୁ ସମ୍ବର୍ଦ୍ଧିତ କରିବା ସହିତ ସର୍ବଶ୍ରୀ ଚନ୍ଦନ ରାଉତରାୟ, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଦାଶରଥି ରାଉତରାୟ, ଦଳବେହେରା ରାଜେନ୍ଦ୍ର ନାରାୟଣ ଛୋଟରାୟ, ପ୍ରତାପ ଚନ୍ଦ୍ର ମହାପାତ୍ର, ରୁଦ୍ର ନାରାୟଣ ବାହିନୀପତି, ସର୍ବେଶ୍ୱର ଛୋଟରାୟ ପ୍ରମୁଖ ୧୯ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜମ୍ଭେଶ୍ୱର ମଙ୍ଗରାଜ ସ୍ୱାଗତ ଭାଷଣ ଓ ନିରଞ୍ଜନ ରଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଶିରିଡ଼ି ସାଇବାବାଙ୍କ ମହାସମାଧିର ଶତବାର୍ଷିକୀ ଅବସରରେ ବ୍ରହ୍ମପୁର ସହରରେ ପ୍ରଥମଥର ପାଇଁ ସାଇ ସତ୍‌ଚରିତ ସମୂହ ପାରାୟଣ

କଟକ (ପିଏନ୍): ଶ୍ରୀ ଶିରିଡ଼ି ସାଇବାବାଙ୍କ ମହାସମାଧିର ଶତବାର୍ଷିକୀ ଉପଲକ୍ଷେ ସାଇ ନିର୍ମାଲ୍ୟ ଓ ଶିରିଡ଼ି ସାଇ ସର୍ଭ୍ୟାଣ୍ଟସ୍ ସୋସାଇଟି ଆନୁକୂଲ୍ୟରେ ବ୍ରହ୍ମପୁର ସହରରେ ପ୍ରଥମଥର ପାଇଁ ଶ୍ରୀ ସାଇ ସତ୍‌ଚରିତ ସମୂହ ପାରାୟଣ ସପ୍ତାହ ଅନୁଷ୍ଠିତ ହେବାକୁ ଯାଉଛି। ଆସ୍କାରୋଡ଼ ଶ୍ରୀରାମନଗରସ୍ଥିତ ଦ୍ୱିତୀୟ ଲେନ୍‌ରେ ଥିବା ଶିରିଡ଼ି ସାଇ ମନ୍ଦିର ପରିସରରେ ଜାନୁୟାରୀ ୨୫ ତାରିଖରୁ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ଆଠଦିନ ଧରି ଏହି ପାରାୟଣ ସପ୍ତାହ ଆୟୋଜିତ ହେବ। ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କ ଅଦ୍‌ଭୁତ ଜୀବନୀ ଏବଂ ତାଙ୍କର ଅଲୌକିକ ଲୀଳା ତଥା ଅମୂଲ୍ୟ ଉପଦେଶ ଉପରେ ଆଧାରିତ ପବିତ୍ର ଗ୍ରନ୍ଥ ଶ୍ରୀ ସାଇ ସତ୍‌ଚରିତ ସମୂହ ପାରାୟଣର ଅକଳ୍ପନୀୟ ପ୍ରଭାବ ରହିଥିବା ଦୃଷ୍ଟିରୁ ସମଗ୍ର ରାଜ୍ୟରେ ସାଇଭକ୍ତମାନଙ୍କ ମଧ୍ୟରେ ଏହା ଅତ୍ୟନ୍ତ ଆଦୃତ ହୋଇପାରିଛି। ଭୁବନେଶ୍ୱର, କଟକ, ବାଲେଶ୍ୱର, ପୁରୀ ଆଦି ରାଜ୍ୟର ସମସ୍ତ ସହରରେ ପ୍ରତ୍ୟେକ ବର୍ଷ ଏହି ପାରାୟଣ ସପ୍ତାହ ବିପୁଳ ଆଡ଼ମ୍ବର ସହକାରେ ଆୟୋଜିତ ହେଉଥିବାବେଳେ ପ୍ରଥମଥର ପାଇଁ ବ୍ରହ୍ମପୁର ସହରରେ ଅନୁଷ୍ଠିତ ହେଉଥିବାରୁ ଏଥିପାଇଁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି। ଇତିମଧ୍ୟରେ ଦୁଇଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଆଲୋଚନା କରାଯାଇଛି। ବ୍ରହ୍ମପୁର ସହର ସମେତ ଆଖପାଖ ଅଞ୍ଚଳ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସାଇଭକ୍ତ ଏଥିରେ ଯୋଗଦେବାକୁ ଥିବାବେଳେ ବାହାରୁ ଆସୁଥିବା ସାଇଭକ୍ତମାନଙ୍କ ପାଇଁ ରହିବା ଓ ସମସ୍ତଙ୍କ ପାଇଁ ପ୍ରତ୍ୟହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପ୍ରଥମଦିନ ଶ୍ରୀସାଇନାଥଙ୍କର ମଙ୍ଗଳମୟ ଆବାହନ ପରେ ପାରାୟଣ କରୁଥିବା ଭକ୍ତମାନେ ସଂକଳ୍ପ ପୂଜାରେ ଭାଗନେବେ। ଏହାପରେ ପ୍ରତ୍ୟହ ସାଇନାଥଙ୍କର ଚାରିଟିଯାକ ଆରତୀ ସହ ଦିନରେ ପାରାୟଣ ଓ ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ଶ୍ରୀଗୁରୁ ଭାଗବତ ପାଠ ଏବଂ ଭକ୍ତମାନଙ୍କର ଅନୁଭୂତି ବିଷୟରେ ଆଲୋଚନା ହେବ। ପୂଜ୍ୟ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଶୁଭାଶୀର୍ବାଦରେ ଓଡ଼ିଶାରେ ଏହି ପାରାୟଣ ସପ୍ତାହ ଆରମ୍ଭ ହୋଇଥିବାବେଳେ ଶିରିଡ଼ି ସାଇବାବା ସଂସ୍ଥାନ ପକ୍ଷରୁ ପ୍ରକାଶିତ ପବିତ୍ର ଗ୍ରନ୍ଥ ସାଇ ସତ୍‌ଚରିତର ଅନୁବାଦକ ଶ୍ରୀ ସତ୍ୟ ଖଡ୍ଗରାୟ ଏଥିରେ ଯୋଗଦେଇ ପାରାୟଣ ପରିଚାଳନା କରିବେ।

ଅଗମ୍ୟ ଆଦିବାସୀ ଗାଁଆଁର ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ପ୍ରଦାନ

ଭୁବନେଶ୍ୱର (ପିଏନ୍): ଗାଆଁକୁ ନାହିଁ ରାସ୍ତା। ବିଜୁଳିବତୀ ସାତ ସପନ। ଭୁବନେଶ୍ୱର ଠାରୁ ୨୫ କି.ମି. ଦୂରରେ ଘଞ୍ଚ ଜଙ୍ଗଲ ଘେର ମଧ୍ୟରେ ଏହି ଛୋଟିଆ ଗାଆଁଟି ଅବସ୍ଥିତ। ନାଁଟି ତା'ର କନ୍ଦଲେଇ। ଜଟଣୀ ବ୍ଲକ ଛତାବର ଗ୍ରାମ ପଞ୍ଚାୟତ ଅଧୀନରେ ଗ୍ରାମଟି ଅନ୍ତର୍ଭୁକ୍ତ ହୋଇଥିଲେ ସୁଦ୍ଧା ଏହା ବିକାଶ ଠାରୁ ବହୁ ଦୂରରେ। ଗାଆଁର ସର୍ବମୋଟ ୪୫ଟି ଆଦିବାସୀ ପରିବାର। ଜନସଂଖ୍ୟା ୨ ଶହ ପ୍ରତିଟି ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅନ୍ତର୍ଭୁକ୍ତ। ଚଳିତ ବର୍ଷ ରାଜ୍ୟରେ ହାଡ଼ଭଙ୍ଗା ଜାଡ଼ ଓ ଶୀତ ଲହରୀ ଜାରି ରହିଥିବା ସମୟରେ ଛାତ୍ରଛାତ୍ରୀମାନେ ବହୁ କଷ୍ଟରେ ଗାଆଁ ବିଦ୍ୟାଳୟକୁ ପାଠ ପଢିବାକୁ ଆସିଥାନ୍ତି ଅନେକ ବିଦ୍ୟାଳୟକୁ ଆସିନଥାନ୍ତି। ଅଭାବୀ ପିତାମାତାମାନଙ୍କ ପକ୍ଷେ ଖଣ୍ଡିଏ ଚଦର ଅଥବା ସୁଇଟର ଖଣ୍ଡିଏ କିଣିବା ବଡ଼ କଷ୍ଟ। ଛାତ୍ରଛାତ୍ରୀମାନଙ୍କର ଏ ଦୁଃଖ ଦୁର୍ଦ୍ଦଶାକୁ ଅନୁଭବ କରି ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଇଲାଇଟିର ସଦସ୍ୟମାନେ ଅଣ୍ଟାଭିଡ଼ି ଆଗକୁ ଋଲି ଆସିଥିଲେ। ଗାଆଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ଏବଂ ସେଞ୍ଚୁରିୟାନ ବ୍ଲଡ଼ ଡ଼ୋନର ଗୋପୀମୋହନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟମାନେ ଗାଆଁରେ ପହଞ୍ଚି ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ସୁଇଟର ପ୍ରଦାନ କରିଥିଲେ। କ୍ଲବର ସଦସ୍ୟ କମଳାକାନ୍ତ ରଥ, ବିଶ୍ୱଜିତ ମହାପାତ୍ର, ବି.ସି. ପ୍ରହରାଜ, ତମଲ ଭଞ୍ଜ ଚୌଧୁରୀ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, କନକ ନାୟକ, ମନୋଜ ପ୍ରଧାନ, ମଳୟ କୁମାର ବାରିକ, ବାଲୁକାଶିଳ୍ପୀ ସୁବଳ ମହାରଣା, କନ୍ଦଲେଇ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ରହି ଶୀତବସ୍ତ୍ର ପ୍ରଦାନ କରିବା ସହ ଭଲ ପାଠ ପଢିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ଏହି ମହତ୍ ପଦକ୍ଷେପକୁ ଗ୍ରାମବାସୀମାନେ ସାଧୁବାଦ ଜଣାଇବା ସହ ପ୍ରଶଂସା କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus,
Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Gyandeep
THE CRECHE

Phagun Communication